ସମ୍ବାଦ

# କେନ୍ଦ୍ର ସାହିତ୍ୟ ଅକାଦେମୀର ଗ୍ରାମାଲୋକ କାର୍ଯ୍ୟକ୍ରମ

## ସାହିତ୍ୟ ଜଡ଼ ଭିତରେ ଜୀବନ ସଞ୍ଚାର କରେ




ରାୟଗଡ଼ା,୧୯/୬(ଇମିସ): ଜୀବନ ହିଁ ସାହିତ୍ୟ। ଯେଉଁ ସୃଜନ ଜୀବନର କଥାକୁ ସମାଜରେ ପରିସ୍ଫୁଟିତ କରି ଜଡ ଭିତରେ ଜୀବନ ବଞ୍ଚିବାର ଆଶା ସଞ୍ଚାର କରେ ତାହା ପାଠକଗ୍ରାହୀ ହୋଇପାରେ। ସିରିଗୁଡାରେ କେନ୍ଦ୍ର ସାହିତ୍ୟ ଅକାଦେମୀ ପକ୍ଷରୁ ଆୟୋଜିତ ଗ୍ରାମାଲୋକ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ମତ ପ୍ରକାଶ କରିଛନ୍ତି ଅତିଥିବୃନ୍ଦ।

କେନ୍ଦ୍ର ସାହିତ୍ୟ ଅକାଦେମୀର କାର୍ଯ୍ୟ ନିର୍ବାହୀ ସଦସ୍ୟ ତଥା ପଞ୍ଚବଟୀର ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ବିଗ୍ୟାନ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଆଦିବାସୀ ନେତ୍ରୀ ତଥା ସାହିତ୍ୟିକା ବିଦ୍ୟୁଲତା ହୁଇକା ଉଦଘାଟନ କରିଥିଲେ। ଜନଜାତି ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧ ଐତିହ୍ୟ ସମ୍ପର୍କରେ ଶ୍ରୀମତୀ ହୁଇକା ଆଲୋକପାତ କରିଥିଲେ। ପ୍ରାରମ୍ଭିକ ଅଭିଭାଷଣରେ କବି ସୁଶାନ୍ତ ନାୟକ ରାୟଗଡ଼ା ମାଟିର ସାହିତ୍ୟ ପରିବେଶ ଓ ବୃଦ୍ଧିମନ୍ତ ସାହିତ୍ୟ ସର୍ଜନା ସମ୍ପର୍କରେ ମତ ରଖିଥିଲେ। ଗ୍ରାମାଞ୍ଚଳର ସୃଜନ ପ୍ରତିଭାଙ୍କ ପରିଚୟ ପରିବ୍ୟାପ୍ତ କରିବା ଲାଗି ଗ୍ରାମାଲୋକ ଏକ ବଳିଷ୍ଠ ମଞ୍ଚ ବୋଲି ଅଭିହିତ କରିଥିଲେ।

ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ତଥା ପ୍ରମୁଖକାର ଦ୍ୱିତୀଚନ୍ଦ୍ର ସାହୁ ଯୋଗଦେଇ ଜୀବନର କଥା ଓ ବ୍ୟଥାକୁ ସାହିତ୍ୟ କହୁଥିବାରୁ ସମାଜ ନିକଟରେ ସାହିତ୍ୟ ଚିର ଜୀବନ୍ତ ହୋଇ ରହିଛି। ରାୟଗଡ଼ା ମାଟି ଓ ଏହାର ସାହିତ୍ୟିକ ବିଭିନ୍ନ ସମୟରେ ଓଡ଼ିଶା ସାହିତ୍ୟ ଜଗତକୁ ବୃଦ୍ଧିମନ୍ତ କରିବାରେ ପ୍ରମୁଖ ଭୂମିକା ତୁଲାଇ ଆସୁଛନ୍ତି। ଗ୍ରାମାଲୋକ କାର୍ଯ୍ୟକ୍ରମରେ ରାୟଗଡ଼ାର ନିର୍ବାଚିତ କବି ପ୍ରଫୁଲ୍ଲ ପାଢ଼ୀ କବିତା ନିଦ ନଥିବା ରାତି, କବି ବିମଳ ଚାନ୍ଦ ପଟ୍ଟନାୟକ କବିତା ଧନୀ ଅପା ପାଠ କରିଥିଲେ। ଗାଳ୍ପିକ ରାମ ପ୍ରସାଦ ବିଶୋଇ ହାଇ ବେ, ନୀଳମଣି ପାଟଯୋଷୀ ନିଶବ୍ଦ ଯନ୍ତ୍ରଣା ଏବଂ ଗାଳ୍ପିକା ତ୍ରିବେଣୀ ମିଶ୍ର କାନଫୁଲ ପାଠ କରିଥିଲେ। ସମସ୍ତ ସୃଜନା ଉଚ୍ଚକୋଟୀର ଥିଲା। ବିଗ୍ୟାନ ବିଦ୍ୟାଳୟର ପରିଚାଳକ କିରଣ ଲାଡେ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ମମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଲେଫ୍ଟନାଣ୍ଟ ଉଦୟ ନାୟକ, କବି ବିପିନ ବିଶ୍ୱାଳ, ଜୟଦେବ ସିଠ, ଅରୁଣ ଲେଙ୍କା, ଅରୁଣ କୁମାର ପାଣିଗ୍ରାହୀ, ମହେଶ୍ୱେତା ପାଣିଗ୍ରାହୀ, କଲ୍ୟାଣି ସାମଲ, ପ୍ରଶାନ୍ତି ସାହୁ, ରବି ଶତପଥୀ, ମଞ୍ଜୁଶ୍ରୀ ମୁଖାର୍ଜୀ, ସୁଭାସ ସାହୁ, ପଦ୍ମିନୀ ମିଶ୍ରଙ୍କ ସମେତ ରାୟଗଡ ମହାବିଦ୍ୟାଳୟ ଓ ବିଗ୍ୟାନ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠ ସମାରୋହ ଅନୁଷ୍ଠିତ ହୋଇଥିଲା।

RAYAGADA MALKANGIRI NABARANGAPUR Edition
Page No 1 June 20, 2022